*This Question Paper contains 8 printed pages.*
***(Sections - A, B, C & D)***

Sl.No. 0632

# 09 (O)

**(MARCH/APRIL, 2022)**

---

***Time : 3 Hours]*** ***[Maximum Marks : 80***

ସୂଚନା:

1. ଏହି ପ୍ରଶ୍ନପତ୍ରରେ ମୋଟ 4 ଟି ବିଭାଗ ଏବଂ 40 ଟି ପ୍ରଶ୍ନ ରହିଛି ।
2. ସମସ୍ତ ପ୍ରଶ୍ନର ଉତ୍ତର ଲେଖିବା ବାଧ୍ୟତାମୂଳକ ଅଟେ ।
3. ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖ ।
4. ପ୍ରତ୍ୟେକ ପ୍ରଶ୍ନର ଦକ୍ଷିଣ ପାର୍ଶ୍ୱରେ ମୂଲ୍ୟ ନିରୂପଣ କରାଯାଇଛି ।
5. ପ୍ରତ୍ୟେକ ବିଭାଗର ଉତ୍ତର ନୂତନ ପୃଷ୍ଠାରେ ଲେଖ ।
6. ଆବଶ୍ୟକ ସ୍ଥଳେ ଅତିରିକ୍ତ ପ୍ରଶ୍ନ ମଧ୍ୟ ଦର୍ଶାଇ ଦିଆଯାଇଛି ।

---

## ବିଭାଗ – A

### (ଗଦ୍ୟ)

1) ଦୀର୍ଘ ଉତ୍ତରମୂଳକ [6]

କ) ସଭ୍ୟତାର ବିକାଶରେ ବିଜ୍ଞାନର ଥିବା ଅବଦାନ ପଠିତ ପ୍ରବନ୍ଧ ଅନୁସରଣରେ ଆଲୋଚନା କର ।

କିମ୍ବା

ଖ) ମାତୃଭାଷା ଶିକ୍ଷା ହିଁ ଦେଶ ଓ ଜାତିର ପ୍ରଗତିର ପରିଚାୟକ – ଆଲୋଚନା କର ।

2) ସପ୍ରସଙ୍ଗ ସରଳାର୍ଥ ଲେଖ । [4]

କ) ଏମାନେ ପୁଷ୍ପିତ ପଳାଶବନରେ ଦେଖନ୍ତି ବିଦ୍ରୋହର ବହ୍ନି, ସ୍ଥଳପଦ୍ମରେ ଦେଖନ୍ତି ଆହବର ରକ୍ତ ଓ ଆନତ କୃଷ୍ଣଚୂଡାରେ ଦେଖନ୍ତି ଅନାଗତ ଯୁଗର ରକ୍ତକେତନ ।

କିମ୍ବା

ଖ) ଏହାର ଶେଷଫଳ କ'ଣ ହେବ, ତାହା ଭବିଷ୍ୟତ ଗର୍ଭରେ ନିହିତ, ବର୍ତ୍ତମାନ କେବଳ ପରୀକ୍ଷଣ ହିଁ ଚାଲିଛି ।

3) ଶ୍ରୀକୃଷ୍ଣଙ୍କ ବଂଶର ଶେଷ ଅବସ୍ଥା କ'ଣ ହୋଇଥିଲା ? [2]

4) ସୂର୍ଯ୍ୟାସ୍ତ ନିଲାମ ଆଇନ୍‌ଦ୍ୱାରା ଓଡ଼ିଆ ଜନତା କିପରି କ୍ଷତିଗ୍ରସ୍ତ ହେଲେ ? [2]

5) ବୈଜ୍ଞାନିକମାନେ ମାନବକୁ ଧ୍ୱଂସର ପଥର ପଥିକ କରୁଛନ୍ତି ବୋଲି ଲେଖକ କାହିଁକି କହିଛନ୍ତି ? [2]

6) ମାତୃଭାଷା ସମ୍ପର୍କରେ ଗାନ୍ଧିଜୀ ଏବଂ ରବିନ୍ଦ୍ରନାଥଙ୍କର ଦୃଷ୍ଟିକୋଣ କିପରି ଥିଲା ? [2]

କିମ୍ବା

ସବୁଜ ଚେତନାର ପାଞ୍ଚଜଣ ପ୍ରମୁଖ ତରୁଣ ସାହିତ୍ୟିକ କିଏ ?

7) କାନ୍ତକବିଙ୍କ କୁଳଗୁରୁଙ୍କ ନାମ କ'ଣ ? [1]

8) ନବଯୁଗ ସାହିତ୍ୟ ସଂସଦର ପ୍ରତିଷ୍ଠାତା କିଏ ? [1]

## ବିଭାଗ – B

## (ପଦ୍ୟ)

9) ଦୀର୍ଘ ଉତ୍ତରମୂଳକ । ( 150ଟି ଶବ୍ଦରେ ଲେଖ ) [6]

କ) ''ମଙ୍ଗଳେ ଅଇଲା ଉଷା'' କବିତା ଅନୁସରଣରେ ବାଲ୍ମିକି ଆଶ୍ରମରେ ପ୍ରଭାତକାଳୀନ ପ୍ରାକୃତିକ ସୌନ୍ଦର୍ଯ୍ୟ ବର୍ଣ୍ଣନା କର ।

କିମ୍ବା

ଖ) ନବଯୁଗର ତରୁଣମାନଙ୍କୁ ଯୁଗର ଆହ୍ୱାନ ସମ୍ପର୍କରେ କବି କ'ଣ କହିଛନ୍ତି, ବିଚାର କର ।

10) ସପ୍ରସଙ୍ଗ ସରଳାର୍ଥ ଲେଖ [4]

କ) ''ବୈକୁଣ୍ଠେ ଦେଇ ତୃପତି ଅନନ୍ତ ଶ୍ରୁତିକି ଗତି ବିହିଲା କି ସରସ୍ୱତୀ ବୀଣାଝଙ୍କାର

ଖ) ପାପ ଗର୍ଭେ ଯେହ୍ନେ ପଡ଼ଇ ଅଜ୍ଞାନ

ତରୀ – ଗର୍ଭେ ମୀନେ ଢ଼େଇଁ ଦେବେ ପ୍ରାଣ ।

11) ରାବଣ ଶୁକ ଏବଂ ସାରଣଙ୍କ ମାଧ୍ୟମରେ ବିଭୀଷଣଙ୍କ ପାଖକୁ କି ବାର୍ତ୍ତା ପଠାଇଲେ ? [2]

12) ''ସ୍ୱର୍ଗଠାରୁ ମାଟିର ଆକର୍ଷଣ କବିଙ୍କ ପାଇଁ ଅଧିକ'' ଏହା କବିତାର କେଉଁ ପଦରୁ ଜଣାଯାଏ ଲେଖ । [2]

13) ଦ୍ୱିତୀୟ ଥର ସିଂଘନାଦ ରଡ଼ିରେ ସୌର ଜଗତରେ କି କି ବିଲକ୍ଷଣ ଦେଖାଦେଲା ? [2]

14) ଉଷା କି ପ୍ରକାରର ବସ୍ତ୍ର ପିନ୍ଧିଥିଲା ? କବି ଉଷାଙ୍କୁ କେଉଁ ରୂପରେ ବର୍ଣ୍ଣନା କରିଛନ୍ତି ? [2]

କିମ୍ବା

ମହାଲକ୍ଷ୍ମୀ ଦୁର୍ଯ୍ୟୋଧନଙ୍କୁ କ'ଣ କ'ଣ କହି ବାହାରକୁ ଯିବା ପାଇଁ ବାରଣ କଲେ ?

15) କେଉଁମାନଙ୍କର କୁଟୀର ଦ୍ୱାରା ଉତ୍କଳ ପବିତ୍ର ହୋଇଛି ? [1]

16) କବି କାହାକୁ ସର୍ବସହଣୀ ବୋଲି କହିଛନ୍ତି ? [1]

## ବିଭାଗ – C

### (ବ୍ୟାକରଣ)

**ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖ ।** [20 × 1 = 20]

17) ''ନବଦ୍ୱୀପ'' ର ବିଗ୍ରହ ବାକ୍ୟ ସହ ସମାସର ନାମ ଲେଖ ।

18) ଏକ ପଦରେ ଲେଖ ।

ପଣ୍ଡୁଙ୍କ ପୁତ୍ର = ____________

19) ଗଦ୍ୟରୂପ ଲେଖ ।

''ଦଇବ''

20) ''ବରଶିଳା'' ଶବ୍ଦର ଅର୍ଥ ଲେଖ ।

21) ''ସୂର୍ଯ୍ୟ'' ଶବ୍ଦର ଦୁଇଟି ପ୍ରତିଶବ୍ଦ ଲେଖ ।

22) ସନ୍ଧିବିଚ୍ଛେଦ କର । (1ଟିର)

ଅନ୍ୟାନ୍ୟ, ପ୍ରତ୍ୟୁତ୍ତର, ନିଶ୍ୱାସ ।

23) ଅର୍ଥଗତ ପାର୍ଥକ୍ୟ ଲେଖ ।

କର, କର ।

24) ବିପରୀତ ଶବ୍ଦ ଲେଖ । (1ଟିର)

ବିଶାଳ, ପ୍ରଶଂସା, ମଧୁର ।

25) ''ପ୍ରଶ୍ନସୂଚକ ବାକ୍ୟ'' ର ଗୋଟିଏ ଉଦାହରଣ ଲେଖ ।

26) ''ଛାତ୍ରମାନେ ଖେଳପଡ଼ିଆରେ ଫୁଟ୍‌ବଲ ଖେଳନ୍ତି ।'' ବାଚ୍ୟ ପରିବର୍ତ୍ତନ କର ।

27) ''ଅଜ୍ଞାତ ଯୁବକକୁ ଆଶ୍ରୟ ଦେବା ଠିକ୍ ହେଲା ନାହିଁ ।'' ବିସ୍ମୟସୂଚକ ବାକ୍ୟରେ ପରିବର୍ତ୍ତନ କର ।

28) ''ଦଶରଥ'' ଶବ୍ଦରେ ଥିବା ଅକ୍ଷର ସଂଖ୍ୟା କେତେ ?

29) ଲିଙ୍ଗ ପରିବର୍ତ୍ତନ କର । (1ଟିର)

ଛାତ୍ରସମାଜ, ଆଇମା'

30) ଶୁଦ୍ଧ ଶବ୍ଦ ଲେଖ । (1ଟିର)

ଆଶୀଷ, କୁର, ନମଷ୍କାର ।

31) ''କପାଳ ଲିଖନ'' ରୂଢ଼ିର ଅର୍ଥ କ'ଣ ହେବ । (ଜପାମାଳି, ଅତିପ୍ରିୟ, ଭାଗ୍ୟଫଳ, ଠକ)

32) ''କ୍ଷୁଦ୍ର ମଧ୍ୟରେ ଭୟଙ୍କାରିତା'' ଲୋକବାଣୀର ଅର୍ଥ କ'ଣ ? (ଅତି ସାମାନ୍ୟ, ବକ ଧାର୍ମିକ, ଛୋଟ ସାପର ବଡ଼ ବିଷ, ଅଦା ବେପାରୀର ଜାହାଜ ମୁଲ) ।

33) ''ବକର ବେକ ବଢ଼ିଲେ ମୀନର ବିପତ୍ତି''ର ଅର୍ଥ ଲେଖ ।

କ) ଗୁପ୍ତ କଥା ପ୍ରକଟ କରିବା ।

ଖ) ଯନ୍ କଲେ ରନ୍ ମିଳେ ।

ଗ) ଶତ୍ରୁର ସୁବିଧା ବିପଦର କାରଣ ।

ଘ) ଆଳସ୍ୟ ସର୍ବନାଶ କରେ ।

34) ''କାଷ୍ଠ, ପାଷାଣ, ତରୁଲତା,

ଏ ସବୁ ଅଜ୍ଞାନ ଦେବତା''

ଏହା କେଉଁ ଛନ୍ଦରେ ରଚିତ ?

35) ''ଯମକ'' ଅଳଙ୍କାର ର ଏକ ପଦ୍ୟାଂଶ ଲେଖ ।

36) ''ଶୟନ'' ଏହା କେଉଁ ଶବ୍ଦ ?

(କ୍ରିୟା, ବିଶେଷଣ, ସର୍ବନାମ, ବିଶେଷ୍ୟ)

## ବିଭାଗ – D

### (ପ୍ରବନ୍ଧ, ପତ୍ରଲେଖନ, ଗଳ୍ପ ଏବଂ ଏକାଙ୍କିକା)

37) ଯେ କୌଣସି 1ଟି ର ପ୍ରବନ୍ଧ ପ୍ରାୟ 150ଟି ଶବ୍ଦରେ ଲେଖ । [8]

କ) ଶିଳ୍ପୀ କରଣ ଦୁନିଆ ।

(ଉପକ୍ରମ, ବେକାରୀ, ଦୂରୀକରଣ, ଉପକାର, ଅପକାର, ଉପସଂହାର) ।

ଖ) ଜନସଂଖ୍ୟାର ବୃଦ୍ଧି ।

(ଉପକ୍ରମ, ବେକାରୀ ବୃଦ୍ଧି, ସାମାଜିକ ଅବସ୍ଥା, ଅପକାର, ଉପସଂହାର) ।

ଗ) ଯଦି ମୁଁ ଭାରତର ପ୍ରଧାନମନ୍ତ୍ରୀ ହୋଇଥା'ନ୍ତି ।

(ଉପକ୍ରମ, ସାମାଜିକ ସଂସ୍କାର, ଆର୍ଥିକ ସଂସ୍କାର, ଆନ୍ତର୍ଜାତୀୟ ସହଯୋଗ, ଉପସଂହାର) ।

38) ବୋର୍ଡ଼ପରୀକ୍ଷା ପାଇଁ କିପରି ପ୍ରସ୍ତୁତ ହେଉଥିଲ, ବାପାଙ୍କ ନିକଟଙ୍କୁ ଏକ ପତ୍ର ଲେଖ । [6]

କିମ୍ବା

''ପାଠ ପଢ଼ା'' ର ମହତ୍ତ୍ୱ ଦର୍ଶାଇ ସାନ ଭାଇ ନିକଟଙ୍କୁ ଏକ ପତ୍ର ଲେଖ ।

କିମ୍ବା

ତୁମ ଅଞ୍ଚଳର ରାସ୍ତାଘାଟ ମରାମତି ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ନିକଟଙ୍କୁ ଏକ ପତ୍ର ଲେଖ ।

କିମ୍ବା

''କୋରୋନା ରୋଗ''ର ଭୟାଭୟ ନେଇ ସାଙ୍ଗ ନିକଟଙ୍କୁ ଏକ ପତ୍ର ଲେଖ ।

39) ସଂକ୍ଷେପରେ ଲେଖ । (2ଟିର) [2 × 2 = 4]

କ) ରାଜନୀତିରେ ବ୍ରହ୍ମାସ୍ତ୍ର କ'ଣ ? ଶାନ୍ତିସ୍ତୂପ କେଉଁଠି ଅବସ୍ଥିତ ?

ଖ) କାଠୁରିଆକୁ ହିତ କଥା ନ ପଚାରି ବା ନ ଶୁଣାଇ ଲେଖକ କ'ଣ ଦେଖିବାକୁ ଲାଗିଲେ ?

ଗ) ବେଲବଣ ମଝିରେ କେଉଁ ମନ୍ଦିର ଅବସ୍ଥିତ ? ନଟବରବାକୁ କେଉଁ ଗଛର ପ୍ରତୀକ ତଥା ବରଗଛରେ ପ୍ରତୀକ କିଏ ?

40) ସୁବ୍ରତ କି ଚାକିରି କରନ୍ତି ? ସୁବ୍ରତଙ୍କ ସ୍ତ୍ରୀଙ୍କ ନାମ କ'ଣ ? [2]

କିମ୍ବା

ଦେଉଳ ତୋଳା କେତେ ବର୍ଷ ଧରି ଚାଲିଛି ତଥା କେତେଜଣ ବଢ଼େଇ ଦେଉଳ ତୋଳାରେ ଲାଗିଛନ୍ତି ?

*****